## ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଜଳଛତ୍ର ପରିଚାଳନା ନିମନ୍ତେ ସନ୍ଦର୍ଭ ଓ ସର୍ତ୍ତାବଳୀ (ଟର୍ମସ୍ ଆଣ୍ଡ ରେଫରେନସ୍)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ରାଉରକେଲା ମହାନଗର ନିଗମ ପ୍ରତିବର୍ଷ ପରି ଏବର୍ଷ ମଧ ଗ୍ରୀଷ୍ମ ଋତୁରେ ବିଭିନ୍ନ ସ୍ଥାନରେ ଜଳଛତ୍ର ସ୍ଥାପନ କରିବା ପାଇଁ ଯୋଜନା କରିଅଛି । ଏହି ଜଳଛତ୍ର ପରିଚାଳନା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯିବା ପାଇଁ ବିଧିବଦ୍ଧ ସ୍ଥିର କରାଯାଇ ନିମ୍ନ ସର୍ତ୍ତାବଳୀ ଅନୁଯାୟୀ ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଆହ୍ୱାନ କରାଯାଉଛି।

୧. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ)ର ଶେଷ ତାରିଖ ୧୪.୦୩.୨୦୨୫ ଦିନ 1.00 pm ଘଟିକା ଧାର୍ଯ୍ୟ ହୋଇଛି ଓ ଟେକ୍ନିକାଲ୍ ବିଡ୍ ରାଉରକେଲା ମହାନଗର ନିଗମ ସଭାଗୃହରେ ୧୪.୦୩.୨୦୨୫ ଅପରାହ୍ନ ୪ ଘଟିକା ରେ ଖୋଲାଯିବ ବୋଲି ସ୍ଥିର କରାଯାଇଅଛି।

୨. ଏହି ଅଭିବ୍ୟକ୍ତି ପ୍ରକାଶନ ( ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ) ଖୋଲାଯିବା ସମୟରେ ବିଡ୍ ରେ ଅଂଶଗ୍ରହଣ କରିଥିବା ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ରହିବେ। ସମ୍ପୃକ୍ତ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଅନୁପସ୍ଥିତିରେ ମଧ ଏକ୍ସପ୍ରେସନ୍ ଅଫ୍ ଇଣ୍ଟେରେଷ୍ଟ (ଇ.ଓ.ଆଇ)କ ରାଉରକେଲା ମହାନଗର ନିଗମ କମିଟି ଖୋଲି ପାରିବେ।

୩. ଜଳଛତ୍ର ର ସମୟସୀମା: ୧୧.୦୩.୨୫ TO ୧୪.୦୩.୨୦୨୫ (ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ ସମୟସୀମା ବୃଦ୍ଧି କରିପାରେ)

୪. ଜଳଛତ୍ର ନିମନ୍ତେ ସ୍ଥିର କରାଯାଇଥିବା ସ୍ଥାନ:

| | | | |
|---|---|---|---|
| | | ମାଲ୍ ଗୋଦାମ | ଟିମ୍ବର କଲୋନି |
| ଦାଣ୍ଡିଆପାଲି ଛକ (ଜେପି ଡାକ୍ତରଖାନା ପାଖ) | ବେଦବ୍ୟାସ ଛକ | ଆଇ.ଟି.ଆଇ. ଛକ (ମେନ୍ ରୋଡ୍) | ଏସ.ଟି.ଆଇ. ଛକ (ମେନ୍ ରୋଡ୍) |
| ପାନପୋଷ ଛକ | ହକି ଛକ | ଦେଓଗାଁ, ଗାନ୍ଧୀ କଲେଜ ପାଖ | ନବକୃଷ୍ଣ ନଗର, ଅଟୋ ଷ୍ଟାଣ୍ଡ ପୁଷ୍ପା ପାର୍କ ପାଖ |
| ହନୁମାନ ବାଟିକା ଛକ | ହାଇଟେକ୍ ଛକ | ପାୱାର୍ ହାଉସ୍ ଛକ | ନୂଆ ବସ ଷ୍ଟାଣ୍ଡ ପାଖ |
| ଟ୍ରାଫିକ୍ ଗେଟ୍ ଛକ | କୋଏଲ୍ ନଗର, ଝିରପାଣି ପୋଲିସ ଷ୍ଟେସନ ପାଖ | ଜଗଦା, CWS ଡାକ୍ତରଖାନା ପାଖ | ଶକ୍ତିନଗର ଛକ |
| ଶାସ୍ତ୍ରୀ ଛକ, ସିଭିଲ ଟାଉନସିପ୍ | ଛେଣ୍ଡ, ବି.ଏସ.ଏନ.ଏଲ. ଛକ | ବାସନ୍ତୀ କଲୋନୀ ଡି.ଏଲ. ଛକ ନିକଟ | ବନ୍ଧମୁଣ୍ଡା, ଡିଜେଲ୍ କଲୋନୀ ମାର୍କେଟ |

ଆବଶ୍ୟକ ସ୍ଥଳେ ରାଉରକେଲା ମହାନଗର ନିଗମ ସ୍ଥିର କରାଯାଇଥିବା ସ୍ଥାନର ସଂଖ୍ୟା କମ୍ କିମ୍ବା ଅଧିକ କରିପାରେ ।

୫ . ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଯୋଗ୍ୟତା ପରିମାପକ

| କ୍ରମ.ସଂ | ମାନଦଣ୍ଡ | ଯୋଗ୍ୟତା ପରିମାପକ |
|---|---|---|
| ୧. | ଗୋଷ୍ଠୀ ଗଠନ | ଦରଖାସ୍ତ ଦାଖଲ କରିବାର ୦୧ ବର୍ଷ ପୂର୍ବରୁ ଗଠନ ହୋଇଥିବା ଆବଶ୍ୟକ । |
| ୨. | ଗୋଷ୍ଠୀ ପରିଚାଳନା | ପଞ୍ଚ ସୂତ୍ରର ଅନୁପାଳନ କରୁଥିବ । |
| ୩. | ସଞ୍ଚୟ ଜମା | ମିଶନ୍ ଶକ୍ତି ଗୋଷ୍ଠୀର ଅନ୍ୟୁନ ୫୦,୦୦୦ ଟଙ୍କା ସଞ୍ଚୟ ଥିବ । |
| ୪. | ଦଳଗତ ନିଷ୍ଠା ଓ ସାଧୁତା | କୌଣସି ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡ଼ିତ ନଥିବେ। |
| ୫. | ଅବସ୍ଥିତି | ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡ ର ହୋଇଥିବା ଜରୁରୀ ଅଟେ । ସମ୍ପୃକ୍ତ ୱାର୍ଡର ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିନଥିଲେ ନିକଟବର୍ତ୍ତୀ ଅଞ୍ଚଳର ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମଧ ଆବେଦନକୁ ଜଳଛତ୍ର ପରିଚାଳନା ପାଇଁ ବିଚାରକୁ ନିଆଯିବ । |

